୨୦୨୪ ନରେନ୍ଦ୍ର ମୋଦି ସରକାରର ଆକଳନ

ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ଚାଲିଛି। ୨୦୨୩ ଏହା ମଧ୍ୟରେ ବିଦାୟ ନେଇଛି। ତେବେ ଏହି ବର୍ଷର ଆକଳନର ଆବଶ୍ୟକତା ରହିଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରଙ୍କ ଉପଲବ୍ଧି କେତେ ସଫଳ କେତେ ବିଫଳ ତାହାକୁ ନେଇ ସମୀକ୍ଷାର ଆବଶ୍ୟକତା ଅଛି। ନାଗରିକଙ୍କୁ ସରକାର ସେବା ପ୍ରଦାନ କରିବାରେ କେତେ ସଫଳ ହୋଇଛନ୍ତି। ଯାହା ବ୍ୟକ୍ତିଗତ ଭାବରେ ହୋଇପାରେ ନାହିଁ ତାହା ସରକାର ଦ୍ୱାରା ସମ୍ଭବ। ମୋଦି ଏବେ ଗ୍ୟାରେଣ୍ଟିର କଥା କହିଛନ୍ତି। ପୂର୍ବରୁ ଦେଶର ସମସ୍ତ ପୂର୍ବ ପ୍ରଧାନମନ୍ତ୍ରୀ ଦେଶର ବିକାଶରେ ତାଙ୍କର ଯୋଗଦାନକୁ ଯେତିକି ମନେ ପକାଇବା ଉଚିତ୍ ଠିକ୍ ସେହିପରି ୧୦ ବର୍ଷରେ ମୋଦିଙ୍କ ଶାସନ କାଳରେ କେତେ ଦେଶ ଆଗକୁ ବଢ଼ିଛି ଆଉ ଦେଶର ଅଭାବ କେତେ ରହିଛି?

ମୋଦି ସମସ୍ତ ଗ୍ୟାରେଣ୍ଟିକୁ ପୂର୍ଣ୍ଣ କରିବାକୁ ଗ୍ୟାରେଣ୍ଟି ଦେଇଛନ୍ତି। ଯାହାକୁ ମୋଦିଙ୍କ ଗ୍ୟାରେଣ୍ଟି ଭାବରେ କୁହାଯାଉଛି। ସମାଜର ସବୁଠୁ ତଳେ ଥିବା ବ୍ୟକ୍ତି ପାଖରେ ସରକାରୀ ଯୋଜନା ପହଞ୍ଚି ପାରିଛି କି? ଏହା କେତେ ସଫଳ ହୋଇଛି। ମୋଦିଙ୍କ ଶାସନ କାଳରେ ଚନ୍ଦ୍ରଯାନର ସଫଳତା କଥା ସାମ୍ନାକୁ ଆସିଲା। ଏହାଥିଲା ୨୦୨୩ର ବଡ଼ ଉପଲବ୍ଧି। ଏହା ଉପରେ ରାଜନୈତିକ ବିବାଦ କରାନଯିବା ଉଚିତ୍। ୨୨ ଜାନୁଆରୀ ୨୦୨୪ରେ ରାମ ମନ୍ଦିର ପ୍ରତିଷ୍ଠା ହେବ। ଦେଶ ୬୫ ବର୍ଷ ସ୍ୱାଧୀନତା ଦିବସ ପାଳନ କରିଛି। କିନ୍ତୁ ଆଜିବି ବହୁ ସଂଖ୍ୟକ ଲୋକ ଜୀବନଯାପନ ପାଇଁ ଯେଭଳି ସୁବିଧା ପାଇବା କଥା ସେଥିରୁ ବଞ୍ଚିତ। ରାଷ୍ଟ୍ର ନିର୍ମାଣ କାର୍ଯ୍ୟ ପ୍ରତି ସରକାରର ଉଦ୍ୟମ ହୋଇଥାଏ। ଦେଶ ଶୁଣିଛି ହରହର ମୋଦି, ଘର ଘର ମୋଦି। ଚାଏ ପେ' ଚର୍ଚ୍ଚା ଆଦି ନାରା। ଯାହା ସାଧାରଣ ନାଗରିକଙ୍କୁ ପ୍ରଭାବିତ କରିଛି। ଯଦି ୬୦ ବର୍ଷ ମଧ୍ୟରେ ଦେଶ ଏବେ ଖାଦ୍ୟାନ୍ନ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଛି ଏବଂ ଖାଦ୍ୟାନ୍ନ ରପ୍ତାନି କରୁଛି। ତେବେ ଖାଦ୍ୟ ସୁରକ୍ଷା ସମସ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଦେଶରେ ୮୦ କୋଟି ଭାରତୀୟଙ୍କୁ ରାସନ ଦିଆଯାଉଛି। ମୋଦିଙ୍କ ଶାସନ କାଳରେ ପିଏମ୍ କିଶାନ ଯୋଜନା ମାଧ୍ୟମରେ ୧୧ କୋଟିରୁ ଅଧିକ କୃଷକଙ୍କୁ ସହାୟତା ଦିଆଯାଇଛି। ଅଧ୍ୟୟନ ରିପୋର୍ଟ ଅନୁଯାୟୀ ୧୩ କୋଟି ୫ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳୁ ଉପରକୁ ଉଠିଛନ୍ତି। ଦିନେ ପୂର୍ବ ପ୍ରଧାନମନ୍ତ୍ରୀ ସ୍ୱର୍ଗତାଃ ଇନ୍ଦିରା ଗାନ୍ଧି ଗରିବୀ ହଟାଅ, ରୋଟି, କପଡ଼ା ଓ ମକାନ୍ ଭଳି ନାରା ଦେଇଥିଲେ। ଯାହା ତାଙ୍କ କାର୍ଯ୍ୟକାଳରେ ସମସ୍ତ ପାଖରେ ପହଞ୍ଚି ପାରିଲା ନାହିଁ। ବଂଚିତ ଲୋକ ଆଜିବି ଦେଶରେ ଅଛନ୍ତି। ମୋଦିଙ୍କ ସରକାର ପକ୍ଷରୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି। ୨୫ ଜାନୁଆରୀ ୨୦୨୪ ମଧ୍ୟରେ ୨.୫୫ ଗ୍ରାମ ପଞ୍ଚାୟତ, ୩୬୦୦ ସହରରେ ଏହି ବିକଶିତ ଭାରତ ସଂକଳ୍ପ ଯାତ୍ରା ପହଞ୍ଚିବ। ଏବଂ ସମସ୍ତଙ୍କ ପାଖରେ ମୋଦିଙ୍କ ଗ୍ୟାରେଣ୍ଟିର କଥା ପହଞ୍ଚାଇବେ ବିଜେପିର କର୍ମୀ। ପିଏମ୍ ଆବାସ ଯୋଜନା ଅନୁଯାୟୀ ୪କୋଟିରୁ ଅଧିକ ଘର ନିର୍ମାଣ ହୋଇଛି। ଶତପ୍ରତିଶତ ଘରକୁ ବିଜୁଳି ଯିବା ପାଇଁ ଉଦ୍ୟମ ଶେଷ ପର୍ଯ୍ୟାୟରେ। ସମସ୍ତଙ୍କୁ ପାଇପ୍ ଯୋଗେ ପାଣି ମିଳିବ। ଏ ଭରସା ଦେଇଛନ୍ତି ମୋଦି ସରକାର।

ପିଏମ୍ ମୋଦି କହିଛନ୍ତି ଜଳ ଜୀବନ ମିଶନ ମାଧ୍ୟମରେ ୧୩ କୋଟିରୁ ଅଧିକ ନଳ ଜଳ ସଂଯୋଗ ପ୍ରଦାନ କରାଯାଇଛି। ପୂର୍ବରୁ ମାତ୍ର ୧୭%ଙ୍କ ପାଖରେ ପହଞ୍ଚିଥିଲା ଏହି ନଳ ଜଳ କନେକସନ୍। ଏବେ ଏହା ୭୦% ପରିବାର ପାଖରେ ପହଞ୍ଚିଛି। ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଆଉ ଲୋକ ଖୋଲାରେ ମଳତ୍ୟାଗ କରୁ ନାହାନ୍ତି। ଏବେ ଭାରତର ହାରାହାରି ଶହେ ପ୍ରତିଶତ ଗାଁରେ ଏଲ୍‌ପିଜି କନେକସନ୍ ପହଞ୍ଚିଛି। ଆୟୁଷ୍ମାନ ଭାରତ, ପିଏମ୍ ଜନ ଆରୋଗ୍ୟ ଯୋଜନା, ପ୍ରତିବର୍ଷ ୫୫ କୋଟିରୁ ଅଧିକ ଲୋକଙ୍କୁ ୫ଲକ୍ଷର ଟଙ୍କାରେ ମାଗଣା ଗ୍ୟାରେଣ୍ଟି ଦିଆଯାଇଛି। ୨୭.୩୮ କୋଟି ଲୋକଙ୍କୁ ଆୟୁଷ୍ମାନ କାର୍ଡ଼ ଦିଆଯାଇଛି। ମହିଳା ଆରକ୍ଷଣ ବିଲ୍ ପାସ୍ ହୋଇଛି। ଏହା ସହିତ ସାଂସଦ ଆଦର୍ଶ ଗ୍ରାମ ଯୋଜନା ମୋଦି ସରକାରଙ୍କ ବଡ଼ ଉପଲବ୍ଧି। ମେକ୍ ଇନ୍ ଇଣ୍ଡିଆ ଆଉ ଏକ ସଫଳତା। ଭାରତର ୧୮ ହଜାର ଗାଁରେ ବିଜୁଳି ପହଞ୍ଚାଯାଇଛି। ଏହି ସମସ୍ତ ସଫଳତାକୁ ନେଇ ନରେନ୍ଦ୍ର ମୋଦିଙ୍କ ସରକାରର ଆକଳନ କରାଯାଇପାରେ।

୩ ବର୍ଷରେ ବଢ଼ିଛି ଅରବପତିଙ୍କ ବେହିସାବ ସମ୍ପତ୍ତି

ଗରିବଙ୍କ ସଂଖ୍ୟା ୧୬.୫ ବୃଦ୍ଧି

ଆଜି ବିଶ୍ୱର ୧୦୦ ଦେଶ ମଧ୍ୟରେ ବିକଶିତ ଭାରତର ସ୍ଥାନ ୫୮। ୫ ଖରବ ଡଲାରର ଅର୍ଥ ବ୍ୟବସ୍ଥା ଏବଂ ତୃତୀୟ ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥାର ସ୍ୱପ୍ନ ଦେଖିଛି ଭାରତ। ଗରିବଙ୍କ ସଂଖ୍ୟା ବଢ଼ିବା ମଧ୍ୟ ଦେଇ ଅରବପତିଙ୍କ ବଢୁଛି ସମ୍ପତ୍ତି। ୨୦୨୩ରେ ଋଷ-ୟୁକ୍ରେନ୍ ଯୁଦ୍ଧ ଲଗତର ଚାଲିଥିଲା। ଏହା ସହିତ ଇଜ୍ରାଏଲ୍-ଫିଲିସ୍ତାନ ଯୁଦ୍ଧ ବି ମାସେ ଯାଏଁ ଚାଲିଲା। ସମଗ୍ର ମଧ୍ୟ-ପୂର୍ବ ଏବଂ ପୂର୍ବ ଏସିଆରେ ଉତ୍ତେଜନା। ଏହା ସତ୍ତ୍ୱେ ବି ବିଶ୍ୱରେ ଅରବପତିଙ୍କ ସମ୍ପତ୍ତି ବଢ଼ିଛି। ୨୦୨୩ ଶେଷ ମଧ୍ୟରେ ହୋଇଥିବା ଆକଳନ ଅନୁଯାୟୀ ବିଶ୍ୱରେ ସର୍ବାଧିକ ଧାନଢ଼୍ୟ ୫୦ ଲୋକଙ୍କ ମଧ୍ୟରୁ ୩୮ଙ୍କ ସମ୍ପତ୍ତି ବୃଦ୍ଧି ପାଇଛି। ସବୁଠୁ ଧନୀ ୫୦୦ ବ୍ୟକ୍ତିଙ୍କ ମଧ୍ୟରେ ଏହି ପରିସଂଖ୍ୟାନ ୭୭ ପ୍ରତିଶତ। ବିଶ୍ୱର ସବୁଠୁ ବଡ଼ ଧନୀ ଏଲୋନ୍ ମସ୍କଙ୍କ ସମ୍ପତ୍ତି ୯୮ ଅରବ ଡଲାର ବୃଦ୍ଧି ପାଇଛି।

[redacted]

କିନ୍ତୁ ଏଲୋନ୍ ମାସ୍କ କହୁଥିଲେ ଯେ ସେ କ୍ଷତିରେ ଅଛନ୍ତି। ଫେସ୍‌ବୁକ୍‌ର ମାଲିକ ମାର୍କ ଜୁକର ବର୍କ ସମ୍ପତ୍ତି ୧୮୪% ବଢ଼ିଛି। ବିଶ୍ୱର ୫୦୦ ଧାନଢ଼୍ୟ ବ୍ୟକ୍ତିଙ୍କ ମଧ୍ୟରେ ଭାରତର ୨୨ଜଣଙ୍କ ନାମ ରହିଛି। ଆମେରିକାର ୧୮୯ ଓ ଚୀନ୍‌ର ୫୨ଜଣଙ୍କ ନାମ ଅଛି। ଅରବପତିଙ୍କ ମଧ୍ୟରେ ଆମେରିକା ଆଗରେ। ଶହେ ଜଣଙ୍କ ନାମ ଫ୍ରାନ୍ସର। ମେକ୍ସିକୋର ୨, ଭାରତର ୮ ସବୁଠୁ ଧନାଢ଼୍ୟ ବ୍ୟକ୍ତି। ଭାରତର ମୁକେଶ ଅମ୍ବାନୀ ବିଶ୍ୱର ଧନାଢ଼୍ୟ ବ୍ୟକ୍ତିଙ୍କ ମଧ୍ୟରୁ ୧୩ତମ ସ୍ଥାନରେ। ତାଙ୍କ ସମ୍ପତ୍ତି ୯.୧୬ ଅରବ ଡଲାର ବଢ଼ିଛି। ଏହିପରି ଆଦାନୀ, ସାପୁର ମିସ୍ତ୍ରୀ, ସିପ୍ ନାଦର, ଅଜିମ ପ୍ରେମଜୀ, ସାବିତ୍ରୀ ଜିନ୍ଦଲ, ଲକ୍ଷ୍ମୀ ମିତଲ, ରାଧାକୃଷ୍ଣନ୍ ଦାମାନୀଙ୍କ ସ୍ଥାନ ଧନାଢ଼୍ୟ ବ୍ୟକ୍ତିଙ୍କ ତାଲିକାରେ ଯଥାକ୍ରମେ ୪୧, ୪୩, ୬୨, ୬୮, ୮୬ ଓ ୧୦୦ତମ ସ୍ଥାନରେ ଅଛି। ୨୦୨୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ୧୬.୫% ଲୋକ ଅତ୍ୟଧିକ ଗରିବ ହୋଇଛନ୍ତି। ଗରିବ ଦେଶରେ ଗରିବଙ୍କ ସଂଖ୍ୟା ୩୯ କୋଟି। ଭାରତରେ ମଧ୍ୟମ ଆୟର ଦେଶ ମଧ୍ୟରେ ଗରିବଙ୍କ ସମ୍ମେଳିତ ସଂଖ୍ୟା ୭୩ କୋଟି ବୋଲି ଆକଳନରୁ ଜଣାପଡ଼ିଛି।

ନିର୍ବାଚନ ପୂର୍ବରୁ ମାଗଣା ବାଣ୍ଟିବାର ପ୍ରତିଶ୍ରୁତି ଦେଉଛନ୍ତି ରାଜନୈତିକ ଦଳ

ନିମ୍ନତମ ଆୟ ଯୋଜନା (ଏନ୍‌ୱାଇଏୱାଇ) ବା ମିନିମ୍ ଇନ୍‌କମ୍ ସପୋର୍ଟ ପୋଗ୍ରାମ (ଏମ୍‌ଆଇଏସ୍‌ପି) ଯୋଜନା ଅନୁଯାୟୀ କଂଗ୍ରେସ ଦେଶର ସବୁଠୁ ଗରିବ ଲୋକଙ୍କୁ ଆର୍ଥିକ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କଂଗ୍ରେସ ପୁଣିଥରେ ନିଜର ଏନ୍‌ୱାଇଏୱାଇ ଯୋଜନାର ପ୍ରତିଶ୍ରୁତିକୁ ଦୋହରାଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱର ଏନ୍‌ଡିଏ ସରକାର ପିଏମ୍ କିଶାନ (ପ୍ରଧାନମନ୍ତ୍ରୀ-କିଶାନ ସମ୍ମାନ ନିଧି) ଯୋଜନା ଆରମ୍ଭ କରିଥିଲେ। ଏହା କୃଷକଙ୍କ ପାଇଁ ସିଧା ଫାଇଦା ଦେବା ଭଳି ସ୍କିମ୍। ଏହି ଯୋଜନା ଅନୁଯାୟୀ ସମସ୍ତ କୃଷକ ପରିବାରକୁ ୩ ସମାନ କିସ୍ତିରେ ପ୍ରତିବର୍ଷ ୬ ହଜାର ଟଙ୍କାର ଆୟ ସହାୟତା ପ୍ରଦାନ ପାଇଁ ନିୟମ ରହିଲା। ଯେତେବେଳେ ସରକାର ବା ରାଜନୈତିକ ଦଳ ଏପରି ଯୋଜନା ନିର୍ବାଚନ ଠିକ୍ ପୂର୍ବରୁ ଲୋକଙ୍କ ଆଗରେ ରଖୁଛନ୍ତି ସେତେବେଳେ କିଛି ପ୍ରଶ୍ନ ସୃଷ୍ଟି ହେଉଛି। ଯୋଜନାର ଆକର୍ଷଣ କ'ଣ? କ'ଣ ଏହି ଯୋଜନା ମାଗଣା ବା ମାଗଣା ଉପହାର? କ'ଣ ଏହି ଯୋଜନା ଦ୍ୱାରା ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍ (ୟୁବିଆଇ) ଭଳି କି? କ'ଣ ପ୍ରତ୍ୟେକଙ୍କ ପାଇଁ ଭତ୍ତା ନିର୍ଦ୍ଧାରିତ ହେଉଛି କି? ୨୦୧୯ରେ କଂଗ୍ରେସର ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ଏନ୍‌ୱାଇଏୱାଇ ଯୋଜନାର ଯୋଜନା ଘୋଷଣା କରିଥିଲେ। ଗରିବଙ୍କୁ ବର୍ଷକୁ ୭୨ ହଜାର ଟଙ୍କା (ମାସକୁ ୬ ହଜାର ଟଙ୍କା) ଦିଆଯିବାର ଘୋଷଣା। କଂଗ୍ରେସର ମତ ଥିଲା ଭାରତରେ ୨୦% ସବୁଠୁ ଗରିବ ଲୋକ (୫ କୋଟି ପରିବାର ଏଥିରୁ ଲାଭ ପାଇବେ)। ତେବେ କଂଗ୍ରେସ ସରକାରକୁ ଆସି ପାରିଲା ନାହିଁ କି ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପ୍ରସଙ୍ଗ ହେଉଛି ରାଜ୍ୟ ସରକାରରେ ଥିବା ଦଳ ଏବଂ କେନ୍ଦ୍ର ସରକାରରେ ଥିବା ଦଳ ଏବଂ ପ୍ରମୁଖ ବିରୋଧୀ ଦଳ ପକ୍ଷରୁ ନିର୍ବାଚନ ଯେତେ ପାଖେଇ ଆସେ ସେତେବେଳେ ବିଭିନ୍ନ ରାଜନୈତିକ ଦଳ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ପାଇଁ ଯୋଜନା ଘୋଷଣା କରନ୍ତି। ନିର୍ବାଚନ ଶେଷ ହୋଇଯାଏ, ଦାରିଦ୍ର୍ୟ ସୀମରେଖା ତଳେ ଥିବା ଲୋକ ସ୍ୱଚ୍ଛଳ ହୋଇପାରନ୍ତି ନାହିଁ। ଏପରିସ୍ଥିତି ୬ ଦଶନ୍ଧି ଧରି ଦେଶ ଓ ରାଜ୍ୟର ଲୋକ ଦେଖୁଛନ୍ତି। ସର୍ବନିମ୍ନ ସୁବିଧାରୁ ବଂଚିତ ଲୋକଙ୍କୁ କେବଳ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇ ଆକର୍ଷିତ କରାଯାଏ। ଯେଉଁ କାମ କଂଗ୍ରେସ ପକ୍ଷରୁ କରାଯାଉଥିଲା ସେହି କାମ ବିଜେପି ମଧ୍ୟ କରୁଛି। ସାଧାରଣ ଲୋକଙ୍କ ସ୍ଥିତି ବଦଳୁଛି ନା ବଦଳିବା ପାଇଁ ସରକାରଙ୍କୁ କେହି ଉତ୍ତରଦାୟୀ କରିପାରୁଛନ୍ତି?

କଂଗ୍ରେସ, ରାହୁଲ ଗାନ୍ଧିଙ୍କ ସାମାଜିକ ନ୍ୟାୟବାଦୀ ଚେହେରା

କଂଗ୍ରେସ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦଳ। ଯାହାର ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଲଢ଼େଇ ଲଢ଼ି ଦେଶର ନାଗରିକ ସ୍ୱାଧୀନତା ହାସଲ କରିଥିଲେ। କଂଗ୍ରେସର ଇତିହାସ ଅଛି ଐତିହ୍ୟ। ୨୮ ଡିସେମ୍ବର ୧୮୮୫ ଥିଓସୋଫିକାଲ୍ ସୋସାଇଟିର ପ୍ରମୁଖ ସଦସ୍ୟ ରହିଥିବା ଏଓିହ୍ୟୁଙ୍କ ଉଦ୍ୟମରେ ମୁମ୍ବାଇର ଗୋକୁଳାନନ୍ଦ ସଂସ୍କୃତ ମହାବିଦ୍ୟାଳୟ ପଡ଼ିଆରେ କଂଗ୍ରେସ ପ୍ରତିଷ୍ଠା ହୋଇଥିଲା। ଉନବିଂଶ ଶତାବ୍ଦୀର ଶେଷରେ ଏହି ପ୍ରତିଷ୍ଠା ଆରମ୍ଭ ହୋଇ ବିଂଶ ଶତାବ୍ଦୀର ମଧ୍ୟ ଯାଏଁ କଂଗ୍ରେସ ଭାରତର ସ୍ୱାଧୀନତା ସଂଗ୍ରାମରେ ନିଜର ୧,୫ କୋଟିରୁ ଅଧିକ ସଦସ୍ୟ ଏବଂ ୭ କୋଟିରୁ ଅଧିକ ସହଯୋଗୀଙ୍କୁ ନେଇ ବ୍ରିଟିଶ ଉପନିବେଶଙ୍କ ଶାସନ ବିରୋଧରେ ଲଢ଼େଇ ଲଢ଼ିଥିଲା। ଶେଷରେ ୧୫ ଅଗଷ୍ଟ ୧୯୪୭ରେ ଦେଶକୁ ଇଂରେଜ ସ୍ୱାଧୀନତା ଦେଇଥିଲେ। ଏବଂ ଦେଶ ହୋଇଥିଲା ପରାଧୀନତାରୁ ମୁକ୍ତି।

ପ୍ରତିବର୍ଷ ସ୍ୱାଧୀନତା ଦିବସ ପାଳନ ହେଉଛି। କିନ୍ତୁ ଲୋକସଭା ନିର୍ବାଚନ ୨୦୨୪କୁ ଆଖି ଆଗରେ ରଖି କଂଗ୍ରେସ ନାଗପୁରରେ ଆୟୋଜିତ କରିଛି ପ୍ରତିଷ୍ଠା ଦିବସ। ଏହା ଏକ ପୃଥକ୍ ଦୃଷ୍ଟି। ଭାବି ଚିନ୍ତି କଂଗ୍ରେସ ନିଜର ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ନାଗପୁରରେ ୧୯୨୦ରେ ମହାତ୍ମା ଗାନ୍ଧି ବ୍ରିଟିଶ ସରକାରଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ଏହି ନାଗପୁରରେ ଜରୁରୀ କାଳୀନ ପରିସ୍ଥିତି ପରେ ଶ୍ରୀମତୀ ଇନ୍ଦିରା ଗାନ୍ଧି ୧୯୭୮ରେ ବଡ଼ ରାଲି କରିଥିଲେ। ନିକଟରେ କଂଗ୍ରେସ ନିଜର ୧୩୯ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱରେ ପାଳନ କରିଛି। ମଲ୍ଲିକାର୍ଜୁନ ଖଡ଼ଗେ କଂଗ୍ରେସ ପକ୍ଷରୁ ଦେଶ ନାମରେ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି କଂଗ୍ରେସ ବା ଦଳ ନିଜର ବିଚାରଧାରାରୁ କେବେ ପଛକୁ ଫେରିନି। ବିଚାରଧାରା ଆଗକୁ ବଢ଼ିବ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ସ୍ୱାଧୀନତା ପରେ ଦେଶର ନବ ନିର୍ମାଣରେ କଂଗ୍ରେସର ଯୋଗଦାନକୁ ଦେଶବାସୀଙ୍କ ଆଗରେ ଥୋଇବ କଂଗ୍ରେସ। କଂଗ୍ରେସର ନୀତି ଦ୍ୱାରା ସବୁଠାରୁ ଅଧିକ ଲାଭାନ୍ୱିତ ହୋଇଥିବା ଦଳିତ-ଆଦିବାସୀ ସମୁଦାୟଙ୍କ ପାଖରେ କଂଗ୍ରେସର ଏହି ବାର୍ତ୍ତା ଏବେବି ଅପହଞ୍ଚ।

୧୯୪୩ରେ ଦେଶରେ କେବଳ ୧୦ ମେଡ଼ିକାଲ୍ କଲେଜ ଥିଲା। ଏହି ମେଡିକାଲ୍ କଲେଜରୁ କେବଳ ୭୦୦ ଡାକ୍ତର ବାହାରୁଥିଲେ। ୨୭ ମେଡିକାଲ୍ କଲେଜ ସ୍କୁଲ୍ ଥିଲା। ଯେଉଁଠି ୭ହଜାର ସ୍ୱାସ୍ଥ୍ୟକର୍ମୀ ବାହାରୁ ଥିଲେ। ୧୯୫୧ରେ କେବଳ ୧୮ହଜାର ଡାକ୍ତର ଥିଲେ। ଯେଉଁମାନେ ଅଧିକାଂଶ ସହରରେ ହିଁ ରହୁଥିଲେ। ହସ୍ପିଟାଲ୍ ସଂଖ୍ୟା ୧୯୧୫ ଥିଲା। ଯେଉଁଠି ୧ଲକ୍ଷ ୧୬ହଜାର ୭୩୧ ବେଡ୍ ଥିଲା। ୬ହଜାର ୫୮୯ ଡାକ୍ତରଖାନା ଥିଲା। ଯେଉଁଠି ୭ହଜାର ୭୨ ବେଡ୍ ଥିଲା। ଭାରତର ସହରରେ ସଫାଇ ଏବଂ ମଳ ଦୂରର ବ୍ୟବସ୍ଥା ନଥିଲା। ସ୍ୱାଧୀନତା ସମୟରେ କେବଳ ଦେଢ଼ ଲକ୍ଷ ସ୍କୁଲ୍ ଥିଲା। ଆଜି ଦେଶରେ ୧୫ ଲକ୍ଷରୁ ଅଧିକ ସ୍କୁଲ୍। ସ୍ୱାଧୀନତା ସମୟରେ କେବଳ ୨୦ ବିଶ୍ୱବିଦ୍ୟାଳୟ ଏବଂ ୪୦୪ କଲେଜ ଥିଲା। ଆଜି ଦେଶରେ ୧୦୪୩ ବିଶ୍ୱବିଦ୍ୟାଳୟ ଏବଂ ୪୨୩୦୩ ଡିଗ୍ରୀ କଲେଜ ଅଛି। ୧୯୪୮ରେ ଦେଶରେ ୩୦ ମେଡିକାଲ୍ କଲେଜ ଥିଲା। ଆଜି ୫୪୧ ମେଡିକାଲ୍ କଲେଜ। ସ୍ୱାଧୀନତା ସମୟରେ ଦେଶରେ ୩୬ ଇଂଜିନିୟରିଂ କଲେଜ ଥିଲା। ଆଜି ଦେଶରେ ୨୫ଶହ ଇଂଜିନିୟରିଂ। ୧୪୦୦ ପଲିଟେକ୍ନିକ୍। ଏବଂ ୨୦୦ ପ୍ଲାନିଂ ଏବଂ ଆର୍କିଟେକର୍ କଲେଜ୍ ଅଛି। ଅର୍ଥାତ୍ ହାରାହାରି ୪୧ଶହ ଇଂଜିନିୟରିଂ କଲେଜ ଏବଂ ବିଶ୍ୱବିଦ୍ୟାଳୟ ଅଛି।

୧୯୫୧ରେ ୫ ସାର୍ବଜନିକ ନିଗମ ଥିଲା। ଆଜି ଏହାର ସଂଖ୍ୟା ୩୬୫ରେ ପହଞ୍ଚିଛି। ୧୯୪୭ରେ ୬୬୪ରେ ଘରୋଇ ବ୍ୟାଙ୍କ୍ ଥିଲା ଏବଂ ଏହାର ୫ହଜାର ଶାଖା ଥିଲା। ଆଜି ଦେଶରେ ୧୨ ସରକାର ବ୍ୟାଙ୍କ୍ ୨୨ ଘରୋଇ ବ୍ୟାଙ୍କ୍, ୪୩ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ୍, ୪୬ ବିଦେଶୀ ବ୍ୟାଙ୍କ୍‌ର ହାରାହାରି ୧ଲକ୍ଷ ୪୦ ହଜାର ଶାଖା କାର୍ଯ୍ୟରତ। କଂଗ୍ରେସର ନୀତି ଯୋଗୁ ଦେଶର ପଛରେ ପଡ଼ିଥିବା ସମୁଦାୟ ନ୍ୟାୟ ପାଇଛନ୍ତି। ତେବେ ଦେଶର ଯୁବବର୍ଗ, ଦଳିତ ଆଦିବାସୀ, ପଛୁଆ ବର୍ଗ ତଥା ସଂଖ୍ୟାଲଘୁ ସମୁଦାୟର ଲୋକଙ୍କ ପାଖରେ ନା କଂଗ୍ରେସ ପହଞ୍ଚି ପାରିଛି ନା କଂଗ୍ରେସ ଏହି ବର୍ଗର ଲୋକଙ୍କୁ କ୍ଷମତାରେ ଥିବାବେଳେ ସଠିକ୍ ନ୍ୟାୟ ଦେବାରେ ସଫଳ ହୋଇପାରିଛି। ସେଥିପାଇଁ ଏହି ବର୍ଗର ଲୋକ କଂଗ୍ରେସ ଠାରୁ ଦୂରରେ। ରାହୁଲଙ୍କ ସାମାଜିକ ନ୍ୟାୟ ଯାତ୍ରା ଉପରେ କେତେ ଏହି ବର୍ଗର ଲୋକ ଭରସା ରଖିବେ ଏବଂ ନ୍ୟାୟ ପାଇବା ପାଇଁ ବିଶ୍ୱାସ କରିବେ କଂଗ୍ରେସକୁ। ତେବେ ରାହୁଲଙ୍କ ଏହି ନ୍ୟାୟ ଯାତ୍ରା ନିଶ୍ଚିତ ଭାବରେ ବିଜେପି ପାଇଁ ବଡ଼ ଆହ୍ୱାନର ବାର୍ତ୍ତା ଦେବ ବୋଲି କହିଲେ ଭୁଲ୍ ହେବ ନାହିଁ।

ଇଣ୍ଡିଆ ମେଣ୍ଟର ଗ୍ରହଣୀୟ ନୁହଁ ରାହୁଲଙ୍କ ନେତୃତ୍ୱ

ଇଣ୍ଡିଆନ୍ ନ୍ୟାସନାଲ୍ ଡେଭଲପମେଣ୍ଟାଲ୍ ଇନକ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ଚତୁର୍ଥ ବୈଠକ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଶା କରାଯାଉଥିଲା କି ମେଣ୍ଟ ନିଜର ସଂଯୋଜକ ବା ପ୍ରଧାନମନ୍ତ୍ରୀ ପଦର ଚେହେରାକୁ ନେଇ କୌଣସି ନିଷ୍ପତ୍ତି ନେବ। କିନ୍ତୁ ଏପରିକି କିଛି ହେଲା ନାହିଁ। ଛ'ମାସ ମଧ୍ୟରେ ୪ଟି ବୈଠକ ହେବା ସତ୍ତ୍ୱେ ମେଣ୍ଟର ଦଳ ଚାଲିବା ବିଜେପିକୁ ହରାଇବା ପାଇଁ ରଣନୀତି ତିଆରି କରିବା କେବଳ ପ୍ରଚାରରେ ସୀମିତ ରହିଛି। ମେଣ୍ଟର ଏହି ଚତୁର୍ଥ ବୈଠକରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ସାମ୍ନାକୁ ଆସିଥିଲା। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ପଦର ପ୍ରାର୍ଥୀ ଭାବେ ବା ଚେହେରା ଭାବେ କଂଗ୍ରେସ ଅଧ୍ୟକ୍ଷ ମଲ